# NATIONAL NEWS BULLETIN (ODIA)

## 25 June 2026

## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୫୨ତମ ପ୍ରଗତି ବୈଠକ ଅନୁଷ୍ଠିତ
- ହରିଆଣାର ଗୁରୁଗ୍ରାମ୍‌ଠାରେ ଆଜିଠାରୁ ଆରମ୍ଭ ହେବ ବ୍ରିକ୍ସ ଶକ୍ତିମନ୍ତ୍ରୀମାନଙ୍କ ସମ୍ମିଳନୀ
- ଭାରତରେ ଜରୁରିକାଳୀନ ପରିସ୍ଥିତି ଲାଗୁ ହେବାର ୫୧ ବର୍ଷ ପୂର୍ତ୍ତିକୁ ନେଇ ଆଜି ପାଳନ କରାଯାଉଛି ସମ୍ବିଧାନ ହତ୍ୟା ଦିବସ

ଏବଂ

- ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଆଜି ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯିବ ମ୍ୟାଚ୍‌

# ପିଏମ୍-ପ୍ରଗତି ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୫୨ତମ ପ୍ରଗତି ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ବୈଠକରେ ରାସ୍ତା ସଂଯୋଗୀକରଣ, ବିଦ୍ୟୁତ୍‌,

ଔଦ୍ୟୋଗିକ ବିକାଶ ଏବଂ ମେଟ୍ରୋ ରେଳ ଭଳି ୪ଟି କ୍ଷେତ୍ରର ପ୍ରାୟ ୩୦ ହଜାର କୋଟି ଟଙ୍କାର ପ୍ରକଳ୍ପ ନେଇ ସମୀକ୍ଷା କରାଯାଇଛି। ଏହିସବୁ ପ୍ରକଳ୍ପଗୁଡ଼ିକୁ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ସହ ଆଞ୍ଚଳିକ ସଂଯୋଗୀକରଣ ଏବଂ ଶିଳ୍ପ ବିକାଶ କ୍ଷେତ୍ରରେ ସହାୟକ ହେବ । ଏଥିରେ ସଂପୃକ୍ତ ସମସ୍ତ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି । ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରକଳ୍ପଗୁଡ଼ିକରେ ବିଳମ୍ବ ହେଲେ ଏଥିପାଇଁ ବ୍ୟୟବରାଦ ବୃଦ୍ଧି ପାଇବ ଏବଂ ସାଧାରଣ ଜନତାଙ୍କୁ ସଠିକ୍ ସମୟରେ ଲାଭ ମିଳିପାରିବ ନାହିଁ । ଶ୍ରୀ ମୋଦୀ ବିଭିନ୍ନ ମନ୍ତ୍ରଣାଳୟ ଏବଂ ରାଜ୍ୟସରକାରଗୁଡ଼ିକୁ ଦୀର୍ଘଦିନ ଧରି ପଡ଼ିରହିଥିବା ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ କରିବା ସହ ପ୍ରକଳ୍ପଗୁଡ଼ିକ ଯେଭଳି ସମୟବଦ୍ଧ ଢଙ୍ଗରେ କରାଯାଇ ପାରିବ ସେଥିଲାଗି ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ଟି.ବି. ମୁକ୍ତ ଭାରତ ଅଭିଯାନର ମଧ୍ୟ ସମୀକ୍ଷା କରାଯାଇଛି । ପ୍ରଧାନମନ୍ତ୍ରୀ ଏଥିଲାଗି ଏ.ଆଇ.ର ଉପଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ଅଭିଯାନକୁ ସଫଳ କରିବା ଲାଗି ଏନ୍.ସି.ସି. ଏବଂ ମାଇଁ ଭାରତ ସ୍ୱେଚ୍ଛାସେବୀଙ୍କୁ ସଚେତନତା ସୃଷ୍ଟି ଏବଂ ଅନ୍ୟାନ୍ୟ ପଦକ୍ଷେପ ପାଇଁ ଉଦ୍ୟମ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଅନ୍ୟପକ୍ଷରେ ଶ୍ରୀ ମୋଦୀ ଉତ୍ତରଦାୟିତ୍ୱର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରି ବ୍ୟାଙ୍କ, ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକୁ ଆହୁରି ଦୃଢ଼ ଭାବରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଲାଗି ଆହ୍ୱାନ ଦେଇଛନ୍ତି । ରାଜ୍ୟଗୁଡ଼ିକୁ  ଇ-ଜିରୋ ଏଫ୍ଆଇଆର ବ୍ୟବସ୍ଥା କରିବା ଲାଗି ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହା ଦ୍ୱାରା ତ୍ୱରିତ ପଞ୍ଜୀକରଣ ସହ ସାଇବର ଅପରାଧ ଅଭିଯୋଗ ଗୁଡ଼ିକର ଶୀଘ୍ର ସମାଧାନ କରାଯାଇ ପାରିବ ।

## ରୁରାଲ୍ ଡେଭଲପ୍‌ମେଣ୍ଟ ଓ୍ୱାର୍କସପ୍

ନୂଆଦିଲ୍ଲୀରେ ଆଜି ଗ୍ରାମୀଣ ବିକାଶ ବିଭାଗ ପକ୍ଷରୁ ଗ୍ରାମୀଣ ବିକାଶ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ନେଇ ଏକ ଜାତୀୟସ୍ତରର କର୍ମଶାଳା ଆୟୋଜନ କରାଯାଉଛି । ଏହି କର୍ମଶାଳାରେ ଗ୍ରାମୀଣ ଭାରତର ତୃଣମୂଳ ସ୍ତରର ବିକାଶ ପାଇଁ ଆବଶ୍ୟକ ହେଉଥିବା ପ୍ରଯୁକ୍ତିବିଦ୍ୟା, ନବସୃଜନ କ୍ଷେତ୍ରରେ ସମନ୍ୱୟ ଉପରେ ଆଲୋଚନା କରାଯିବ । କର୍ମଶାଳାରେ ଉଚ୍ଚପ୍ରଭାବ ସଂପନ୍ନ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଏବଂ ଆବଶ୍ୟକ ହେଉଥିବା ଢାଞ୍ଚା ସଂପର୍କରେ ମଧ୍ୟ ବିଭିନ୍ନ ଅଂଶୀଦାରମାନଙ୍କ ମଧ୍ୟରେ ମତ ବିନିମୟ ହେବ । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କର୍ମଶାଳାରେ ନୀତିନିର୍ଦ୍ଧାରକ, ଶିଳ୍ପ ନେତୃତ୍ୱ ଏବଂ ନବସୃଜନକାରୀମାନେ ଯୋଗଦେଇ ପ୍ରଭାବୀ କୃତ୍ରିମ ବୁଦ୍ଧିମତ୍ତା ସଂପନ୍ନ ଜ୍ଞାନକୌଶଳର ବ୍ୟବହାର ସଂପର୍କରେ ଆଲୋଚନା କରିବେ ।

କର୍ମଶାଳାରେ ନୀତି ଆୟୋଗ, ଇଣ୍ଡିଆ ଏ.ଆଇ. ମିଶନ ପ୍ରମୁଖ ଶିଳ୍ପ ସହଯୋଗୀ, ପ୍ରଯୁକ୍ତିବିଦ୍ୟା ଷ୍ଟାର୍ଟଅପ୍, ଶୈକ୍ଷିକ ପ୍ରତିଷ୍ଠାନର ପ୍ରତିନିଧିମାନେ ଯୋଗଦେବେ ବୋଲି ଜଣାପଡ଼ିଛି ।

## ବ୍ରିକ୍ସ-ଏନର୍ଜି ମିଟିଂ

ହରିଆଣାର ଗୁରୁଗ୍ରାମରେ ଆଜି ଏବଂ ଆସନ୍ତାକାଲି ଏକାଦଶ ବ୍ରିକ୍ସ ଶକ୍ତିମନ୍ତ୍ରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ । ଭାରତ ଏହି ସମ୍ମିଳନୀର ଆୟୋଜନ କରୁଛି । ବ୍ରିକ୍ସ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଶକ୍ତି ସୁରକ୍ଷା ଏବଂ ଏହା ସଂପର୍କିତ ବିଷୟବସ୍ତୁଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯିବ । ୧୧ଟି ବ୍ରିକ୍ସ ସଦସ୍ୟ ଦେଶର ଶକ୍ତିମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଚଳିତବର୍ଷ ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ନବସୃଜନ, ସହଯୋଗ ଏବଂ ସମାବେଶୀ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି । ଆଗାମୀ ଦିନରେ ଶକ୍ତି କ୍ଷେତ୍ରରେ ବିକାଶ ଏବଂ ଏଥିରେ ଗ୍ଲୋବାଲ୍-ସାଉଥ୍‌କୁ ଭାରତ ପ୍ରାଧାନ୍ୟ ଦେଉଥିବା ଜଣାପଡ଼ିଛି ।

## ଗୋୟଲ୍-ୟୁକେ ଭିଜିଟ୍

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ଆଜିଠାରୁ ୩ ଦିନିଆ ଲଣ୍ଡନ ଗସ୍ତରେ ଯିବେ । ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ଉଭୟ ଦେଶ ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ଚୁକ୍ତି ଏବଂ ଆସନ୍ତାମାସ ୧୫ ତାରିଖରେ ହେବାକୁ

ଥିବା ଡବଲ୍ କଣ୍ଟ୍ରିବ୍ୟୁସନ୍ ସମ୍ମିଳନୀ ପୂର୍ବରୁ ତାଙ୍କ ଗସ୍ତ ଗୁରୁତ୍ୱ ବହନ କରୁଛି । ଏହି ଗସ୍ତ କାଳରେ ଶ୍ରୀ ଗୋୟଲ ଯୁକ୍ତରାଷ୍ଟ୍ରର ବାଣିଜ୍ୟ ସଚିବ ପିଟର କାଲେ ଙ୍କ ସହ ଉଚ୍ଚସ୍ତରୀୟ ଦ୍ୱିପାକ୍ଷିକ ବୈଠକ କରିବେ । ବୈଠକରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଓ ଏହା ସଂପର୍କିତ ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ଉପରେ ବାର୍ତ୍ତାଳାପ ହେବ । ଅନ୍ୟପକ୍ଷରେ ଶ୍ରୀ ଗୋୟଲ କହିଛନ୍ତି, ଆସନ୍ତାମାସରେ ହେବାକୁ ଥିବା ଡବଲ୍ କଣ୍ଟ୍ରିବ୍ୟୁସନ୍ ସମ୍ମିଳନୀରେ ଉଭୟ ଦେଶ ମଧରେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ପୁଞ୍ଜି ନିବେଶ ନେଇ ଆଲୋଚନା ହେବ । ସୂଚନା ଅନୁଯାୟୀ ମନ୍ତ୍ରୀ ଶ୍ରୀ ଗୋୟଲ ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

# ପିଏମ୍-ଆର୍ମେନିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ ପାସିନ୍ୟାନ୍ ଏବଂ ତାଙ୍କ ଦଳକୁ ସଂସଦୀୟ ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି । ଗତକାଲି ଶ୍ରୀ ମୋଦୀ ପଶ୍ଚିମ ଏସିଆ ପରିସ୍ଥିତି ସମୟରେ ଅଟକ ରହିଥିବା ଭାରତୀୟମାନଙ୍କୁ ତାଙ୍କ ଦେଶରେ ରହିବା ପାଇଁ ସୁବିଧା ଯୋଗାଇ ଦେଇଥିବାରୁ ଧନ୍ୟବାଦ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଉଭୟ ଦେଶ ମଧ୍ୟରେ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଦୃଢ଼ ଦ୍ୱିପାକ୍ଷିକ ସଂପର୍କ ରହିଛି ଏବଂ ଆଗାମୀ ଦିନରେ ବାଣିଜ୍ୟ, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା

କ୍ଷେତ୍ରରେ ସଂପର୍କ ବୃଦ୍ଧି ଲାଗି ଉଦ୍ୟମ କରାଯାଉଛି । ଭାରତ-ଆର୍ମେନିଆ ଏକତ୍ର ଭାବେ ଅନେକଗୁଡ଼ିଏ କ୍ଷେତ୍ରରେ କାର୍ଯ୍ୟ କରିବେ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ।

## ଶାହା-ଏନ୍‌ସିବି

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ଶୁକ୍ରବାର ନୂଆଦିଲ୍ଲୀଠାରେ ନିଶାଦ୍ରବ୍ୟ ସମନ୍ୱୟ କେନ୍ଦ୍ରର ଦଶମ ସର୍ବୋଚ୍ଚ ସ୍ତରୀୟ ବୈଠକରେ ଅଧକ୍ଷତା କରିବେ । ଏ ସମ୍ପର୍କରେ ସୂଚନା ଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି, ଦେଶ ବ୍ୟାପି ନିଶାଦ୍ରବ୍ୟ ଚାଲାଣ ତଥା ବେଆଇନ୍ କାରବାର ବିରୁଦ୍ଧରେ ଲଢ଼େଇକୁ ଅଧିକ ସଶକ୍ତ କରିବା ସହିତ ଏ ଦିଗରେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକର ସମୀକ୍ଷା କରିବା ଲାଗି ଏହି ବୈଠକ ଆୟୋଜିତ ହେଉଛି ।

ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ପକ୍ଷରୁ ଆୟୋଜିତ ଏହି ବୈଠକରେ ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର ଏବଂ ନିଶା ଆଇନ୍ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ଏକତ୍ରିତ ହୋଇ ଏହି ପ୍ରସଙ୍ଗରେ ଆଲୋଚନା କରିବେ । ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଆସନ୍ତା ୩ ବର୍ଷ ଲାଗି ନିଶାଦ୍ରବ୍ୟ ନିୟନ୍ତ୍ରଣ ସମ୍ପର୍କିତ ଭିଜନ୍ ଡକ୍ୟୁମେଣ୍ଟ ଉନ୍ମୋଚନ କରିବେ । ଏ କ୍ଷେତ୍ରରେ ସମ୍ପୃକ୍ତ ବିଭିନ୍ନ ପକ୍ଷଙ୍କ ସହିତ ବିସ୍ତୃତ ଆଲୋଚନା କରାଯାଇ ଏହି ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଇଛି ।

ଚାହିଦା ଓ ଯୋଗାଣ ହ୍ରାସ ଏବଂ ପୁନର୍ବାସ ଉପରେ ଅଧିକ ଧ୍ୟାନ ଦେଇ ନିଶାଦ୍ରବ୍ୟ କାରବାରକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ସେଥିଲାଗି ଏହି ଡକ୍ୟୁମେଣ୍ଟରେ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇଛି । ନିଶାଦ୍ରବ୍ୟ କାରବାର ପ୍ରତି କେନ୍ଦ୍ର ସରକାରଙ୍କ ଶୂନ୍ୟ ସହନଶୀଳତା ନୀତିର ଦୃଢ଼ କାର୍ଯ୍ୟକାରିତା ତଥା ଏକ ନିଶାମୁକ୍ତ ଭାରତ ଗଠନ ଉଦ୍ଦେଶ୍ୟରେ ଏହି ବୈଠକ ଆୟୋଜନ କରାଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ।

## ସମ୍ବିଧାନ ହତ୍ୟା ଦିବସ

ଭାରତରେ ଜରୁରିକାଳୀନ ପରିସ୍ଥିତି ଲାଗୁ ହେବାର ୫୧ ବର୍ଷ ପୂର୍ତ୍ତିକୁ ଆଜି ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯାଉଛି । ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଭାରତୀୟ ସମ୍ବିଧାନ ପ୍ରତି ଅମର୍ଯ୍ୟାଦା ପ୍ରଦର୍ଶନପୂର୍ବକ ତତ୍କାଳୀନ ସରକାର ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରିଥିଲେ। ଦେଶର ଗଣତାନ୍ତ୍ରିକ ଇତିହାସର ମର୍ଯ୍ୟାଦା କ୍ଷୁଣ୍ଣ କରିଥିବା ସେହି ଦିନକୁ ମନେ ପକାଇ ଆଜି ଦେଶର କୋଣ-ଅନୁକୋଣରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଉଛି ।ଏହି ଦିବସ ଅବସରରେ ଆଜି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

# ଭାରତ-ଚୀନ

ଦୀର୍ଘ ୬ ବର୍ଷର ବ୍ୟବଧାନ ପରେ ଭାରତର ୨୬ ଜଣ ବ୍ୟବସାୟୀ ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାର ଲିପୁଲେଖ ଘାଟି ମଧ୍ୟ ଦେଇ ଚୀନ୍

ସୀମାର ତିବ୍ବତ ପ୍ରବେଶ କରିବେ । ଏ ସଂପର୍କରେ ଧରଚୁଲାର ଏସ୍‌ଡିଏମ୍ ଆସିଶ ଯୋଶୀ କହିଛନ୍ତି ଏଥିଲାଗି ୨୬ଟି ପାସ୍ ଜାରି କରାଯାଇଛି ଏବଂ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ବ୍ୟବସାୟୀମାନଙ୍କ ସହାୟତା ପାଇଁ ଅନ୍ୟ କର୍ମଚାରୀମାନେ ମଧ୍ୟ ନିୟୋଜିତ ହେବେ । ସୂଚନା ଅନୁସାରେ, ଭାରତ-ଚୀନ ସୀମାରେ କାରବାର ୧୯୯୧ ମସିହାରେ ଆରମ୍ଭ ହୋଇଥିବା ବେଳେ କୋଭିଡ ପାଇଁ ୨୦୨୦ ମସିହାରୁ ଏହାକୁ ବନ୍ଦ ରଖାଯାଇଥିଲା ।

## ଜାପାନ ଆର୍ଥକ୍ୱେକ୍

ଜାପାନରେ ରିକ୍ଟର ସ୍କେଲ୍‌ରେ ୬ ଦଶମିକ ୯ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଛି । ଜାପାନ ପାଣିପାଗ ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଟୋକିଓରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଛି । ତେବେ ଏଥିରେ କୌଣସି ମୃତାହତର ସୂଚନା ମିଳିନାହିଁ ।

## ଟି-୨୦

ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଆଜି ଗ୍ରୁପ୍-ଏ ରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମାଞ୍ଚେଷ୍ଟରର ଏମିରେଟ୍‌ସ ଓଲ୍‌ଡ ଟ୍ରାଫଡ୍‌ରେ ଏହି ମ୍ୟାଚ୍ ଖେଳାଯିବ । ହର୍ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା କ୍ରିକେଟ୍ ଦଳ ଗ୍ରୁପ୍-ଏ ରେ ୩ଟି ମ୍ୟାଚ୍‌ରୁ ୨ଟିରେ ବିଜୟଲାଭ କରି

ଦ୍ୱିତୀୟ ସ୍ଥାନରେ ରହିଛି । ତେବେ ବାଂଲାଦେଶ ୨ଟି ମ୍ୟାଚ୍ ଜିତିଥିଲେ ମଧ୍ୟ କମ୍ ରନ୍ ରେଟ୍ ଯୋଗୁଁ ଚତୁର୍ଥ ସ୍ଥାନରେ ସ୍ଥାନିତ ହୋଇଛି ।

## ଫିଫା ଓ୍ୱାର୍ଲଡକପ୍

ଫିଫା ବିଶ୍ୱକପ୍‌ରେ ଗ୍ରୁପ୍-ସି ର ମ୍ୟାଚ୍‌ରେ ଆଟ୍‌ଲାଣ୍ଟାକୁ ୪-୨ରେ ପରାସ୍ତ କରି ମର୍‌କୋ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ପୂର୍ବରୁ ଅନୁଷ୍ଠିତ ମ୍ୟାଚ୍‌ରେ ୫ଥରର ବିଶ୍ୱକପ୍ ବିଜେତା ଗ୍ରୁପ୍-ସି ର ବ୍ରାଜିଲ' ୩-୦ ଗୋଲ୍‌ରେ ସ୍କଟ୍‌ଲ୍ୟାଣ୍ଡ୍‌କୁ ପରାସ୍ତ କରିଛି । ଅନ୍ୟପକ୍ଷରେ ୩-୧ ଗୋଲ୍‌ରେ ବୋସ୍‌ନିଆ କତ୍ତାରକୁ ପରାସ୍ତ କରିବା ପରେ କତ୍ତାର ବିଶ୍ୱକପ୍‌ରୁ ବିଦାୟ ନେଇଛି । ଗ୍ରୁପ୍-ବି ର ମ୍ୟାଚ୍‌ରେ ସ୍ୱିଜରଲ୍ୟାଣ୍ଡ ୨-୧ରେ କାନାଡାକୁ ପରାସ୍ତ କରିଛି ।